# Akashvani, Sambalpur

## SAMBALPURI NEWS EVENING BULLETIN

## 30 March 2024- 7.02 pm- 7.12 pm.

*********************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଲେ ଦେଶର୍ ସର୍ବୋଚ୍ଚ ନାଗରିକ୍ ସମ୍ମାନ୍- ଭାରତ୍ ରତ୍ନ ।

୨- ନିର୍ବାଚନ୍ ଆଦର୍ଶ ଆଚରଣ ବିଧି ଭିତ୍‌ରେ ଇ ବଛର୍ ପାଲନ୍ କରାଯିବା ଓଡ଼ିଶା ଦିବସ୍ ।

୩- ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ସର୍‌ଲା ଓକିଲ୍ ସଂଘର୍ ନିର୍ବାଚନ୍ ।

ଆଉର୍

୪- ରାଏଜେ ବଢୁଥିବାର୍ ତାତିକେ ନଜର୍‌ଥି ରଖିକରି ଭିନ୍ ଭିନ୍ ବିଭାଗ୍‌କେ ପ୍ରସ୍ତୁତ୍ ରହେବାର୍ ଲାଗି ନିର୍ଦ୍ଦେଶ୍ ଦେଲେ ସର୍‌କାର୍ ।

- ଇ ବଛର୍ ପହେଲାଥର୍ ଲାଗି ତାପମାତ୍ରା ପାର୍ କଲା ୪୦ ଡିଗ୍ରୀ ସେଲ୍‌ସିଅସ୍ ।

ଭାରତ୍ ରତ୍ନ ସମ୍ମାନ୍       ଏନ୍ଏସ୍ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ହେଇଥିବା ଗୁଟେ ଭବ୍ୟ ସମାରୋହଥି ନାଁକରା ଲୁକ୍କୁ ଦେଶର୍ ସର୍ବୋଚ୍ଚ ନାଗରିକ୍ ସମ୍ମାନ୍ ଭାରତ୍ରତ୍ନ ସମ୍ମାନ୍ଥି ସମ୍ମାନିତ୍ କରିଛନ୍ । ଆଘର୍ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ୍ ସିଂହ ଆଉ ପି.ଭି. ନରସିହ୍ମା ରାଓଙ୍କୁ ମରଣୋତର୍ ଭାବେ ଭାରତ୍ ରତ୍ନ ସମ୍ମାନ୍ଥି ସମ୍ମାନିତ୍ କରାଯାଇଛେ । ସେନ୍ତା ବିହାର୍ର ଆଘର୍ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁର୍ ଆଉ ସବୁଜ ବିପ୍ଲବର କର୍ଣ୍ଣଧାର ଆର୍ ବିଶିଷ୍ଟ କୃଷି ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍ଙ୍କୁ ଭିଲ୍ ମରଣୋତର୍ ଭାବେ ଇ ସମ୍ମାନ୍ ଦିଆଯାଇଛେ । ରାଷ୍ଟ୍ରପତି ଭବନ୍ର ଦର୍ବାର୍ ହଲ୍ ନ ହେଇଥିବା ଇ ସମାରୋହଥି ଆଘର୍ ପ୍ରଧାନ୍ମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କର୍ ତର୍ଫୁ ତାଙ୍କର୍ ପୁଓ ପି.ଭି. ପ୍ରଭାକର୍ ରାଓ ଆର୍ ଚୌଧୁରୀ ଚରଣ୍ ସିଂହଙ୍କର୍ ତର୍ଫୁ ତାଙ୍କର୍ ନାତି ଜୟନ୍ତ ଚୌଧୁରୀ ଭାରତ୍ ରତ୍ନ ଗ୍ରହଣ୍ କରିଥିଲେ ।

ସେନ୍ତା ବୈଜ୍ଞାନିକ ଡକ୍ଟର୍ ଏମ୍.ଏସ୍. ସ୍ୱାମୀନାଥନ୍ଙ୍କର୍ ତର୍ଫୁ ତାଙ୍କର୍ ଝି' ଡକ୍ଟର୍ ନିତ୍ୟା ରାଓ ଆର୍ କର୍ପୁରୀ ଠାକୁର୍ଙ୍କର୍ ତର୍ଫୁ ତାଙ୍କର୍ ପୁଓ ରାମ୍ନାଥ୍ ଠାକୁର୍ ଭାରତ୍ ରତ୍ନ ଗ୍ରହଣ୍ କରିଥିଲେ ।

ଇମାନ୍‌କର୍ ଛଡ଼ା ଆଘର୍ ଉପ ପ୍ରଧାନ୍‌ମନ୍ତ୍ରୀ ଆଉ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡ଼୍‌ଭାନୀଙ୍କୁ ଆଏବା କାଏଲ୍ ଭାରତ୍ ରତ୍ନ ସମ୍ମାନ୍‌ଥି ସମ୍ମାନିତ୍ କରାଯିବା ବଲି ସୂଚ୍‌ନା ମିଲିଛେ ।

ଆଝିର୍ ସମ୍ମାନ୍ ପ୍ରଦାନ୍ ସମାରୋହଥି ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର୍ ଆଉ ବିହାର୍ ମୁଖ୍ୟମନ୍ତ୍ରୀ ନିତିଶ୍ କୁମାର୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ହାଇକୋର୍ଟ-ସିଭିଲ୍ ଜଜ        ଆର୍‌ଏନ୍‌ୟୁ/ କଟକ୍

ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଆଏଜ୍ ଓଡ଼ିଶା ଜୁଡ଼ିସିଆଲ୍ ଏକାଡେମୀ ନ ଜୁନିୟର୍ ଡିଭିଜନ୍‌ର ନୂଆଁକରି ନିଯୁକ୍ତି ପାଇଥିବା ସିଭିଲ୍ ଜଜ୍ ମାନ୍‌କୁ ଶପଥ୍ ପାଠ୍ କରେଇଛନ୍ । ଇ ଅବ୍‌ସରେ ଶ୍ରୀ ସିଂ କହିଛନ୍ ଯେ, ଇଟା ହେଉଛେ ବିଚାର୍ ବିଭାଗ୍‌ର ପହେଲା ପାହାଚ୍ । ଗରିବ୍ ଆଉ ପିଡ଼ିତମାନ୍‌କୁ ନିରପେକ୍ଷ ଭାବେ ନ୍ୟାୟ ଦେବାର୍ ଉପ୍‌ରେ ସେ ଜୋର୍ ଦେଇଛନ୍ । ଶପଥ୍ ଗ୍ରହଣ୍ ଅବ୍‌ସର୍‌ଥି ହାଇକୋର୍ଟର ବିଚାର୍‌ପତି ଆଉ ଆଇନ୍‌ଜୀବୀମାନେ ଉପସ୍ଥିତ୍ ଥିଲେ ।

ଓଡ଼ିଶା ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଦର୍ଶ ଆଚରଣ ବିଧି ପାଲନ୍ ସଙ୍ଗେ ଓଡ଼ିଶା ଦିବସ୍ ପାଲନ୍ କର୍‌ବାର୍ ଲାଗି ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂ ଙ୍କର୍ ଅଧ୍ୟକ୍ଷତାଥି ଆଭାସୀ ଜରିଏ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ଆଉ ଉପଖଣ୍ଡ ସ୍ତର୍ ନ ମର୍ଯ୍ୟାଦାର୍ ସହେତେ ଓଡ଼ିଶା ଦିବସ୍‌କେ ପାଲନ୍ କର୍‌ବାର୍‌କେ ଶ୍ରୀ ସିଂ ନିର୍ଦ୍ଦେଶ୍ ଦେଇଥିଲେ । ଓଡ଼ିଶା ଦିବସ୍ ପାଲନ୍ ଅବ୍‌ସରେ ଜିଲ୍ଲାମାନ୍‌କେ ଥିବା ବରପୁତ୍ରମାନ୍‌କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ ଆଉ ପ୍ରଭାତ୍‌ଫେରି କରାଯିବା । ଜିଲ୍ଲାପାଲ୍‌ଙ୍କର୍ ସହେତେ ଜିଲ୍ଲାର୍ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍ ଆଉ ବୁଦ୍ଧିଜୀବୀମାନ୍‌କୁ ସାମିଲ୍ କରିକରି ଓଡ଼ିଶା ଦିବସ୍ ପାଲନ୍‌ର ତାତ୍ପର୍ଯ୍ୟ ଆର୍ ବରପୁତ୍ରମାନ୍‌କର୍ ଅବଦାନ୍ ବାବ୍‌ଦେ ସାଧାରଣ ସଭା ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍‌କେ କେନ୍‌ସି ରାଜନୈତିକ୍ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ ନାଇଁ କରାଯାଏ ଆଉ କେନ୍‌ସି ସର୍‌କାରୀ କାର୍ଯ୍ୟକ୍ରମ୍‌ର ପ୍ରଚାର୍ ପ୍ରସାର୍ ଆର୍ ଦଳୀୟ ଲୋଗୋର ବେଭାର୍ ଭିଲ୍ ନାଇଁ କରାଯାଏ ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ପଦକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ତଦନ୍ତ କ୍ଷେତ୍ରରେ ଓଡ଼ିଶା ପୁଲିସ୍‌ର ଉଲ୍ଲେଖନୀୟ ସଫଳତା ଲାଗି ୧୪ ଝନ୍‌କୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ପଦକ୍ ମିଲ୍‌ବା । ଓଡ଼ିଶା ପୁଲିସ୍‌ର ପ୍ରତିଷ୍ଠା ଦିବସ୍ ଅବ୍‌ସରେ ଇମାନ୍‌କୁ ଇ ପଦକ୍ ଦିଆଯିବା । ଇତାର୍‌ସହେତେ ଶ୍ରେଷ୍ଠ ଥାନା ଭାବେ ଜଗତ୍‌ସିଂହପୁର୍ ଜିଲ୍ଲାର୍ ବିରିଡ଼ି ଥାନାକେ ପୁରସ୍କୃତ କରାଯିବା । ଇତାର୍‌ଛଡ଼ା କୋରାପୁଟ୍ ଜିଲ୍ଲା ନ ନକ୍ସଲ୍ ବିରୋଧୀ ଖାସ୍ ଅଭିଯାନ୍‌ଥି ସାମିଲ୍ ହେଇଥିବା ୨୪ ଝନ୍‌କୁ ଭିଲ୍ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ପଦକ୍ ଦିଆଯିବା ।

ଜନଶୁଣାଣି ପୋର୍ଟାଲ୍‌ଥି ଶୁଣାଣି ଆର୍‌ଏନ୍‌ୟୁ / ସମ୍ବଲପୁର

ସାଧାରଣ ନିର୍ବାଚନ୍ ଶେଷ୍ ହେବାର୍‌ତକ୍ ଜିଲ୍ଲାପାଳ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ଫି ସୋମ୍‌ବାର୍ ସାଧାରଣ ଅଭିଯୋଗ୍ ଶୁଣାଣି ନାଇଁ କରିପାରନ୍ ବଲି ନିଆଯାଇଥିବାର୍ ନିଷ୍ପତିକେ ବଦ୍‌ଲାଯାଇଛେ । ଏତ୍‌କେ ଜନଶୁଣାଣି ପୋର୍ଟାଲ୍ ଜରିଏ ଯେନ୍ ଅଭିଯୋଗ୍ ମାନ୍ ଆସ୍‌ବା ସେସବୁ ବିଭାଗ୍‌କେ ଅଧିକୃତ କର୍ତ୍ତୃପକ୍ଷ ତୁର୍‌ତି ଫଏସଲା କର୍‌ବାର୍ ଦିଗେ ପଦକ୍ଷେପ୍ ନେବେ । ଇ ବାବ୍‌ଦେ

ସାଧାରଣ ପ୍ରଶାସନ୍ ବିଭାଗ୍ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସୁରେନ୍ଦ୍ର କୁମାର୍ ସବୁ ବିଭାଗ୍ର ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍, ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକମାନ୍କୁ ଜନେଇଛନ୍ । ରାଏଜେ ଆଦର୍ଶ ଆଚରଣ ବିଧି ଲାଗୁ ହେଇଥିବାର୍ନୁ ଜନଶୁଣାଣି ପୋର୍ଟାଲ୍ ଜରିଏ ଯେନ୍ ସବୁ ଅଭିଯୋଗ୍ ସର୍କାର୍ଙ୍କୁ ମିଲ୍ବା ତାର୍ ଶୁଣାଣି କରାଯିବା ।

ଓକିଲ୍ ସଂଘର୍ କର୍ମକର୍ତା ନିର୍ବାଚନ

ସମ୍ବଲପୁର/ ବୌଦ୍ଧ/ ନୂଆପଡ଼ା/ ବର୍ଗଡ଼୍/ ଦେବ୍ଗଡ଼୍/ ସୁବର୍ଣ୍ଣପୁର

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଓକିଲ୍ ସଂଘର୍ କର୍ମକର୍ତା ନିର୍ବାଚନ୍ ଆଏଜ୍ ହେଇଯାଇଛେ । ସମ୍ବଲପୁର ଜିଲ୍ଲା ଓକିଲ୍ ସଂଘ ଉପସଭାପତି ଭାବେ ସିଦ୍ଧାର୍ଥ ସାହୁ, ସହକାରୀ ସମ୍ପାଦକ ଭାବେ ହିମାଂଶୁ ଶେଖର୍ ପାଣିଗ୍ରାହୀ ଆର୍ ଯୁଗ୍ମ ସମ୍ପାଦକ ଭାବେ ଅନୁପ୍ କୁମାର୍ ପଟ୍ଟନାୟକ୍ ନିର୍ବାଚିତ ହେଇଛନ୍ । ଆଘୋନୁ ସତ୍ୟନାରାୟଣ୍ ପଣ୍ଡା ସଭାପତି ଭାବେ ନିର୍ଦ୍ଵନ୍ଦଥି ନିର୍ବାଚିତ ହେଇଛନ୍ । ସାଧାରଣ୍ ସମ୍ପାଦକ୍ ପଦ୍ବୀ ଲାଗି ଆଏବା ୧୫ ତାରିଖ୍ ଦିନ ନିର୍ବାଚନ୍ ହେବା ।

ବୌଦ୍ଧ ଜିଲ୍ଲା ଓକିଲ୍ ସଂଘ ସଭାପତି ଭାବେ ଶାନ୍ତନୁ କୁମାର୍ ମହାପାତ୍ର ଫେର୍‌ଘାଏ ନିର୍ବାଚିତ୍ ହେଇଛନ୍ । ଆଘୋନୁ ଉପସଭାପତି ଭାବେ ବିଭୁପ୍ରସାଦ୍ କ୍ଷେତି, ସାଧାରଣ ସମ୍ପାଦକ୍ ଭାବେ ନିକୁଞ୍ଜ ମାଧବ ବେହେରା, ସହସମ୍ପାଦକ୍ ଭାବେ ବିକାଶ୍ ରଞ୍ଜନ ସାହୁ ଆଉ କୋଷାଧ୍ୟକ୍ଷ ଭାବେ ବିକାଶ୍ ଅଗ୍ରଓ୍ୱାଲ୍ ନିର୍ଦ୍ୱନ୍ଦଥି ନିର୍ବାଚିତ୍ ହେଇଛନ୍ ।

ନୂଆପଡ଼ା ଜିଲ୍ଲା ଓକିଲ୍ ସଂଘର୍ ସଭାପତି ଭାବେ କ୍ଷିତିଶ୍ ବୋଧନ୍‌କର୍ ଆଉ ପୁରୁଷୋତମ କୁମାର୍ ସୋନୀ ସମ୍ପାଦକ୍ ଭାବେ ନିର୍ବାଚିତ ହେଇଛନ୍ । ଗୋବର୍ଦ୍ଧନ୍ ସୁନା ଖଡ଼ିଆଲ୍ ଓକିଲ୍ ସଂଘର୍ ସଭାପତି ଭାବେ ନିର୍ବାଚିତ୍ ହେଇଥିବାର୍ ବେଲେ କିଶୋର ବାଗ୍ ସମ୍ପାଦକ୍ ଭାବେ ନିର୍ବାଚିତ୍ ହେଇଛନ୍ ।

ଦେବ୍‌ଗଡ଼୍ ଜିଲ୍ଲା ଓକିଲ ସଂଘ ନିର୍ବାଚନ୍‌ଥି ପ୍ରମଥେଶ ଗୁରୁ ସଭାପତି ଆଉ କ୍ଷେତ୍ରବାସୀ ମେହେର୍ ସାଧାରଣ ସମ୍ପାଦକ୍ ଭାବେ ନିର୍ବାଚିତ ହେଇଛନ୍ । ବର୍‌ଗଡ଼୍ ଜିଲ୍ଲା ଓକିଲ୍ ସଂଘ ସଭାପତି ଭାବେ ଭୀଷ୍ମଦେବ ସରାଫ୍ ଆଉ ଦ୍ୱିତୀଶ ଆଚାର୍ଯ୍ୟ ସମ୍ପାଦକ୍ ଭାବେ ନିର୍ବାଚିତ ହେଇଛନ୍ । ସୁବର୍ଣ୍ଣପୁର୍ ଜିଲ୍ଲା ଓକିଲ୍ ସଂଘ ସଭାପତି ଭାବେ ବିଧାନ୍‌ଚନ୍ଦ୍ର ପାଣିଗ୍ରାହୀ ଆଉ ଦାଶ୍‌ଦୀପ୍ତ ମହାପାତ୍ର ସମ୍ପାଦକ୍ ହେଇଛନ୍ ।

ରଥ୍‌ଯାତ୍ରା- ପ୍ରସ୍ତୁତି ବୈଠକ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକେ ଶୃଙ୍ଖଲିତ୍ ଭାବେ ପରିଚାଳନା କର୍‌ବାର୍‌କେ ଜିଲ୍ଲାପାଲ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ ଆହ୍ୱାନ୍ ଦେଇଛନ୍ । ଆଏଜ୍ ପୁରୀ ସର୍କିଟ୍ ହାଉସ୍ ନ ରଥଯାତ୍ରାର ପହେଲା ପ୍ରସ୍ତୁତି ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଜିଲ୍ଲାପାଲ୍ ଶ୍ରୀ ସ୍ୱାଇଁ ଇ ବଛରର୍ ରଥ୍‌ଯାତ୍ରାକେ ସୁରୁଖୁରୁଥି ପରିଚାଳନା କର୍‌ବାର୍ ଲାଗି ସମସ୍ତଙ୍କର୍ ସହଯୋଗ୍ କାମନା କରିଛନ୍ । ଭିନ୍ ଭିନ୍ ବିଭାଗ୍‌କେ ଯେନ୍‌ସବୁ ଦାୟିତ୍ୱ ଦିଆଯାଉଛେ, ସେସବୁକେ ଅଗ୍ରାଧିକାର୍ ଭିତିଥି ସାର୍‌ବାର୍‌କେ ସେ ନିର୍ଦ୍ଦେଶ୍ ଦେଇଥିଲେ । ରଥକାଠ ସଂଗ୍ରହ, ରଥ ବନା, ରଥଖଲା ସଫାସୁତ୍‌ରା, ରଥଯାତ୍ରା ଲାଗି ଭିନ୍ ଭିନ୍ ଦରବ୍ ସଂଗ୍ରହ ଆର୍ ଯୋଗାଣ, ରଥ କପ୍‌ଡ଼ା ସଂଗ୍ରହ, ନୀତି ସମ୍ପାଦନ, ରଥ୍‌ଘିଚା, ସ୍ୱାସ୍ଥ୍ୟ ଆଉ ପରିମଳ ବ୍ୟବସ୍ଥା, ପରିବହନ, ରାସ୍ତାଘାଟ୍ ମରାମତି, ଶାନ୍ତିଶୃଙ୍ଖଲା ରକ୍ଷା ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା କରାଯିବାର୍ ସହେତେ ସେସବୁକେ ତୁର୍‌ତି କର୍‌ବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଥିଲେ । ଏସ୍.ପି. ପିନାକ ମିଶ୍ର ରଥ୍‌ଯାତ୍ରା ଲାଗି ଆଇନ୍ ଶୃଙ୍ଖଲା ରକ୍ଷା ଦିଗେ ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ସୂଚନା ଦେବାର୍ ସହେତେ ସବୁ କାମର୍ ସଫଳତା ଲାଗି ମିଶିକରି କାମ୍ କର୍‌ବାର୍‌କେ ପରାମର୍ଶ ଦେଇଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ ରଥଯାତ୍ରା ଜୁଲାଇ ୭ ତାରିଖ୍ ଦିନ ହେବାର୍‌କେ ଯାଉଥିବାର୍ ବେଲେ ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୨୨ ତାରିଖ୍ ଦିନ ହେବା ବଲି ନୀତି ପ୍ରଶାସକ ସୂଚ୍‌ନା ଦେଇଥିଲେ ।

ପ୍ରିଜାଇଡିଂ ଅଧିକାରୀ-ତାଲିମ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ପ୍ରିଜାଇଡିଂ ଅଧିକାରୀ ଆଉ ପୁଲିଂ ଅଧିକାରୀ ମାନ୍‌କର୍ ତାଲିମ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଭବାନୀପାଟ୍‌ନା ସର୍‌କାରୀ ମହାବିଦ୍ୟାଲୟ ଆର୍ ବ୍ରଜମୋହନ୍ ଉଚ୍ଚବିଦ୍ୟାଲୟଥି ମୋଟ୍ ଶହେ ୭୬ ଝନ୍ ଆଉ ଧର୍ମଗଡ଼୍‌ର ସର୍‌କାରୀ ବାଳକ ଉଚ୍ଚବିଦ୍ୟାଲୟ ନ ୯୩ ଝନ୍ ତାଲିମ୍ ନେଇଛନ୍ । ଆଝିର୍ ତାଲିମ୍ କାର୍ଯ୍ୟକ୍ରମ୍‌ଥି ଖାସ୍‌କରି ମହିଳା ପ୍ରିଜାଇଡିଂ ଆଉ ପୁଲିଂ ଅଧିକାରୀମାନ୍‌କୁ ସଖୀବୁଥ୍ ପରିଚାଳନା ବାବ୍‌ଦେ ତାଲିମ୍ ଦିଆଯାଇଛେ ।

ଶିକ୍ଷକ୍ -ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବୀରସରସିଂହପୁର ନର୍ସରୀ ନ ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଶିକ୍ଷକ୍‌ମାନ୍‌କର୍ ଦକ୍ଷତା ବଢ଼ାବାର୍‌କେ ଗୁଟେ ତାଲିମ୍

ଶିବିର ହେଇଯାଇଛେ । ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କର୍ ଅଧକ୍ଷତାଥି ହେଇଥିବା ତାଲିମ୍ ଶିବିର୍ ନ ବିଭାଗୀୟ ବିଶେଷଜ୍ଞମାନେ ଇକୋ କ୍ଲବ୍‌ର ଶିକ୍ଷକ୍‌ମାନ୍‌କୁ ଦକ୍ଷତା ବଢ଼ାବାର୍ ତାଲିମ୍ ଦେଇଥିଲେ । ଶିବିରଥି ସର୍‌କାର୍‌ଙ୍କର୍ ପରିବେଶ୍ ଶିକ୍ଷା କାର୍ଯ୍ୟକ୍ରମ୍ ଜରିଏ ବୁନ୍ଦା ଜଲ୍‌ସେଚନ୍ ଜରିଏ ଜଲ୍‌ସଂରକ୍ଷଣ୍ ବାବ୍‌ଦେ ଶିକ୍ଷକ୍‌ମାନ୍‌କୁ ତାଲିମ୍ ଦିଆଯାଇଥିଲା । ଜିଲ୍ଲାର୍ ଭିନ୍ ଭିନ୍ ଇଲାକାର୍ ୫୦ ନୁ ଅଏତ୍‌କା ଶିକ୍ଷକ୍ ଶିବିରଥି ଯୋଗ୍ ଦେଇଥିଲେ ।

ଗ୍ରୀଷ୍ମପ୍ରବାହ- ପ୍ରସ୍ତୁତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢୁଥିବା ତାତିକେ ନଜରଥି ରଖିକରି ସର୍‌କାର୍ ଭିନ୍ ଭିନ୍ ବିଭାଗ୍‌କେ ପ୍ରସ୍ତୁତ୍ ରହେବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଯେନ ପାଏନ୍‌ର ଅଭାବ୍ ରହିଛେ ସେ ଇଲାକାମାନ୍‌କେ ପାଏନ୍ ଯୁଗେଇ ଦେବାର୍‌କେ ଗୃହ ଆଉ ସହରାଂଚଲ  ବିଭାଗ୍‌କେ କୁହାଯାଇଛେ । ସେନ୍ତା ବସ୍‌ଷ୍ଟାଣ୍ଡ, ବଜାର୍, ଜନଗହଲି ଜାଗାମାନ୍‌କେ ପାନୀୟ ଜଲସେବା କେନ୍ଦ୍ର ଖୁଲାଯିବା । ଇତାର୍‌ସହେତେ ସହରାଂଚଲ୍ ଆଶ୍ରୟସ୍ଥଲ୍, ଗୋଷ୍ଠୀ କେନ୍ଦ୍ର ଆର୍ ଅଲ୍‌ଗା ସର୍ବସାଧାରଣ କୋଠାମାନ୍‌କେ ଦିନ୍‌ବେଲା ଅସହାୟ ଲୁକ୍‌କୁ ବିଶ୍ରାମ୍ କର୍‌ବାର୍ ଲାଗି ସୁବିଧା ଯୁଗେଇ

ଦେବାର୍ ଲାଗି ଗୃହ ଆଉ ସହରାଂଚଲ  ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ସେଆଡ଼େ କଲେଜ୍ ଆଉ ବିଦ୍ୟାଲୟମାନ୍‌କେ ପିଇବାର୍ ପାଏନ୍ ଆଉ ଓଆର୍‌ଏସ୍ ମହଜୁଦ୍ ରଖିବାର୍‌କେ କୁହାଯାଇଛେ । ଇତାର୍‌ସହେତେ ଅଙ୍ଗନବାଡ଼ି କେନ୍ଦ୍ରମାନେ ଖାଲି ସଖାଲ୍‌ବେଲା ଖୁଲା ରହେବା । ଆଶା କର୍ମୀ ଆଉ ଅଙ୍ଗନବାଡ଼ି କର୍ମୀମାନେ ଆବଶ୍ୟକୀୟ ଓଆର୍‌ଏସ୍ ପେକେଟ୍ ମହଜୁଦ୍ ରଖିବାର୍ ଲାଗି ମହିଳା ଆଉ ଶିଶୁବିକାଶ୍ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ସେନ୍ତା ଦର୍‌କାରୀ ଅନ୍‌ସାରେ ପାଏନ୍ ଛାଡ଼୍‌ବାର୍‌କେ ଭିନ୍ ଭିନ୍ ଜଳଭଣ୍ଡାର୍ ମାନ୍‌କେ କୁହାଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ କଟକ୍

ରାଏଜେ ତାତି ବଢ଼୍‌ବାର୍‌କେ ଲାଗିଛେ । ଆଏଜ୍ ରାଏଜେ ପହେଲାଥର୍ ଲାଗି ଇ ବଛ୍‌ରର୍ ତାତି ୪୦ ଡିଗ୍ରୀ ସେଲ୍‌ସିଅସ୍ ପାର୍ କରିଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଭୁବ୍‌ନେଶ୍ୱର୍ ତର୍‌ଫୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ବୌଦ୍ଧ ଆର୍  ଟିଟିଲାଗଡ଼୍ ନ ୪୦ ଦଶ୍‌ମିକ୍ ୫ ଡିଗ୍ରୀ, ବଲାଙ୍ଗିର୍ ନ ୪୦ ଦଶ୍‌ମିକ୍ ୨ ଆର୍ ନୟାଗଡ଼୍ ନ ୪୦ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।

ଆଏବା ୪୮ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ସହର୍ ନ ଦିନର୍ ତାପମାତ୍ରା ୨ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ ବିଭାଗ୍ ପୂର୍ବାନୁମାନ୍ କରିଛେ ।

ଗହମ୍ ମହଜୁଦ୍ ଥିତି ପି.ଆଇ.ବି.

କେନ୍ଦ୍ର ସର୍‌କାର୍ ସବୁ ରାଜ୍ୟ କେନ୍ଦ୍ର ଶାସିତ୍ ଅଂଚଲ୍‌ର ବ୍ୟବସାୟୀ, ହୋଲ୍‌ସେଲର, ରିଟେଲର, ବିଗ୍ ଚେନ୍ ରିଟେଲର୍ ଆର୍ ପ୍ରୋସେସର୍ ମାନ୍‌କୁ ଗହମ୍ ମହଜୁଦ୍‌ର ଥିତି ବାବ୍‌ଦେ ଘୋଷ୍‌ନା କର୍‌ବାର୍‌କେ ବାଧ୍ୟତାମୂଲକ୍ କରିଛନ୍ । ସାମଗ୍ରିକ ଖାଦ୍ୟ ନିରାପତାର ପରିଚାଲନା କର୍‌ବାର୍ ଲାଗି ଆଉ ମହଜୁଦ୍‌କାରୀ ଆଉ ଅସାଧୁ ମୂଲ୍ୟବୃଦ୍ଧିକେ ରୋକ୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯାଇଛେ ।